# ଓଡ଼ିଶା ବିଧାନସଭା

## ସପ୍ତମ ଅଧିବେଶନ

## ମୌଖିକ ଉତ୍ତର ନିମନ୍ତେ ପ୍ରଶ୍ନାବଳୀ

## ୨୫ ସେପ୍ଟେମ୍ବର, ୨୦୨୬

----

[ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ - ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ - ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି - ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା - ବିଦ୍ୟାଳୟ ଓ ଗଣଶିକ୍ଷା - ଉଚ୍ଚ ଶିକ୍ଷା - କ୍ରୀଡ଼ା ଓ ଯୁବକଲ୍ୟାଣ - ଶିଳ୍ପ ].

ମୋଟ ପ୍ରଶ୍ନର ସଂଖ୍ୟା 30

----

### ତେଲକୋଇରେ ଏକ ପରୀକ୍ଷା କେନ୍ଦ୍ର ସ୍ଥାପନ କରିବା

*୨୧ ଡା. ଫକୀର ମୋହନ ନାଏକ (ତେଲକୋଇ):

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ତେଲକୋଇରେ ୧୦୦ ରୁ ଅଧିକ ଛାତ୍ରଛାତ୍ରୀ open school ରେ ପଢନ୍ତି, ଗରିବ ଆଦିବାସୀ ଛାତ୍ରଛାତ୍ରୀ ପରୀକ୍ଷା ଦେବାକୁ ଜିଲ୍ଲା ମୁଖ୍ୟାଳୟକୁ ଯାଉଛନ୍ତି, ତେଲକୋଇରେ ଗୋଟିଏ ପରୀକ୍ଷା କେନ୍ଦ୍ର କରାଯାଇ ପାରିଲେ ଛାତ୍ରଛାତ୍ରୀ ମାନଙ୍କୁ ଏ କଷ୍ଟରୁ ମୁକ୍ତି ମିଳିପାରିବ ?

----

### ବିଭିନ୍ନ କଲେଜରେ ଖାଲି ପଡିଥିବା ସିଟ୍

*୨୨ ଶ୍ରୀ ଧ୍ରୁବ ଚରଣ ସାହୁ (ରାଜନଗର):

**ଉଚ୍ଚ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଚଳିତ ଶିକ୍ଷା ବର୍ଷରେ ରାଜ୍ୟରେ ଅନେକ କଲେଜରେ ସିଟ୍ ଖାଲିପଡିଥିବା ସତ୍ୟ କି, ଉତ୍ତର ହଁ ହୋଇଥିଲେ ଏପରି କେତୋଟି କଲେଜରେ କେତେ ସିଟ୍ ଖାଲିପଡିଛି ଓ ତାର କାରଣ କଣ ଏବଂ ଏ ସଂପର୍କରେ ସରକାର କି ପଦକ୍ଷେପ ନେଉଛନ୍ତି?

----

## ପ୍ରକଳ୍ପ ପାଇଁ ଅର୍ଥ ବିନିଯୋଗ

***୨୩ ଶ୍ରୀ ଅମର କୁମାର ନାୟକ (ବଡ଼ଚଣା):**

**ଶିକ୍ଷ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ବଡ଼ଚଣା ନିର୍ବାଚନ ମଣ୍ଡଳୀରେ ଅନେକ ଶିକ୍ଷାନୁଷ୍ଠାନ ଗଢ଼ି ଉଠିଛି ଓ ଅନେକ କାର୍ଯ୍ୟ ଆରମ୍ଭ ଅପେକ୍ଷାରେ, ସେହି ପ୍ରକଳ୍ପ ଗୁଡ଼ିକ ପାଇଁ କେତେ ଅର୍ଥ ବିନିଯୋଗ ହୋଇଛି ଓ କେତେ ନିଯୁକ୍ତି ମିଳିଛି; (ଖ) କାର୍ଯ୍ୟ ଆରମ୍ଭ କରିଥିବା ଶିକ୍ଷାନୁଷ୍ଠାନ ଗୁଡ଼ିକ ଗତ ୫ ବର୍ଷ ମଧ୍ୟରେ CSR ବାବଦରେ କେତେ ଅର୍ଥ ଖର୍ଚ୍ଚ କରିଛନ୍ତି; ସେଥିମଧ୍ୟରୁ ବଡ଼ଚଣା ବ୍ଲକରେ କେତେ ଓ ବାହାରେ କେତେ ଅର୍ଥ ଖର୍ଚ୍ଚ କରିଛନ୍ତି ତାର ତଥ୍ୟ ବର୍ଷ ଓ ପ୍ରକଳ୍ପୱାରୀ ପ୍ରଦାନ କରିବେ କି ?

----

## ITDA କୁ ଆସୁଥିବା ଅର୍ଥର ସଠିକ୍ ବିନିଯୋଗ

***୨୪ ଶ୍ରୀ ଦେବୀ ରଞ୍ଜନ ତ୍ରିପାଠୀ (ବାଙ୍କୀ):**

**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟର ବିଭିନ୍ନ ITDA କୁ ବିଗତ ଚାରି ବର୍ଷରେ ଆସିଥିବା ଅନୁଦାନ ପରିମାଣ ଦର୍ଶାଇ ତନ୍ମଧ୍ୟରୁ କେଉଁ ବର୍ଷ ପାଇଁ କେତେ ଅନୁଦାନ ରାଶି ବିନିଯୋଗ ହୋଇଛି, କେତେ ଅର୍ଥ ବ୍ୟୟ ନହୋଇ ଫେରିଯାଇଛି ପ୍ରକାଶ କରି ITDA କୁ ଆସୁଥିବା ଅର୍ଥର ସଠିକ୍ ସମୟୋପଯୋଗୀ ବିନିଯୋଗ ନିମନ୍ତେ କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯାଉଛି ?

----

## ଖେଳପଡିଆର ଉନ୍ନତିକରଣ

***୨୫ ଶ୍ରୀ ଦୁଷ୍ମନ୍ତ କୁମାର ସ୍ୱାଇଁ (ଖଣ୍ଡପଡା):**

**କ୍ରୀଡା ଓ ଯୁବକଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଖଣ୍ଡପଡା ନିର୍ବାଚନ ମଣ୍ଡଳୀର ମଧୁବନ କ୍ରୀଡାଙ୍ଗନ, ବାଇଖଣିଆଁ ଖେଳପଡିଆ ଓ କଣ୍ଟିଲୋ ପଲଟନ୍ ପଡିଆକୁ ଉନ୍ନତିକରଣ ପାଇଁ ଆର୍ଥିକ ସହାୟତା ତଥା ଅତ୍ୟାଧୁନିକ ଷ୍ଟାଡିୟମରେ ପରିଣତ କରିବା ପାଇଁ ପଦକ୍ଷେପ ନିଆଯିବ କି?

----

## ରାଜ୍ୟରେ ଥିବା ଦକ୍ଷତା ବିକାଶ କେନ୍ଦ୍ର

***୨୬ ଶ୍ରୀ ଚକ୍ରମଣି କହଁର (ବାଲିଗୁଡା):**

**ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ କେତୋଟି ଦକ୍ଷତା ବିକାଶ କେନ୍ଦ୍ର ଅଛି ଓ କେତେ ପିଲାଙ୍କୁ ଗତ ୫ ବର୍ଷ ଭିତରେ କେଉଁ କେଉଁ Tradeରେ ଦକ୍ଷତା ବିକାଶ ଟ୍ରେନିଂ (Training) ଦିଆଯାଇଛି, କେଉଁ କେଉଁ ସଂସ୍ଥା (Agency) ଦକ୍ଷତା ବିକାଶ ଟ୍ରେନିଂ ଦେଉଛନ୍ତି ଓ ସେ ବାବଦକୁ ରାଜ୍ୟ ସରକାର ଗତ ୫ ବର୍ଷ ଭିତରେ କେଉଁ କେଉଁ Agencyକୁ ଟ୍ରେନିଂ ବାବଦକୁ କେତେ ଅର୍ଥ ଦେଇଛନ୍ତି ଓ ସେହି ସଂସ୍ଥାମାନେ placement ମାଧ୍ୟମରେ କେତେ ଜଣଙ୍କୁ ନିଯୁକ୍ତି ସୁଯୋଗ ଦେଇଛନ୍ତି ?

----

## କୃତୀ ସାହିତ୍ୟିକ ମାନଙ୍କୁ ସାହିତ୍ୟ ଏକାଡ଼େମି ପୁରସ୍କାର ପ୍ରଦାନ

***୨୭ ଶ୍ରୀ ଗଣେଶ୍ବର ବେହେରା (କେନ୍ଦ୍ରାପଡା):**

**ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ରାଜ୍ୟରେ କୃତୀ ସାହିତ୍ୟିକ ମାନଙ୍କୁ ପ୍ରତିବର୍ଷ ଓଡ଼ିଆ ସାହିତ୍ୟ ଏକାଡ଼େମି ପୁରସ୍କାର ଦିଆଯିବାର ନିଷ୍ପତ୍ତି ଅଛି କି; (ଖ) ଯଦି ହଁ, ତେବେ ଏହି ନିଷ୍ପତ୍ତି କାର୍ଯ୍ୟକାରୀ ହେଉନଥିବାର କାରଣ କଣ ଓ କେଉଁ ବର୍ଷଠାରୁ ନିୟମିତ ଓଡ଼ିଆ ସାହିତ୍ୟ ଏକାଡ଼େମି ପୁରସ୍କାର ପ୍ରଦାନ କରାଯିବ ?

----

## ଭୀନ୍ନକ୍ଷମଙ୍କୁ E-Rickshaws

***୨୮ ଶ୍ରୀ ଇରାସିସ ଆଚାର୍ଯ୍ୟ (ଭଟଲି):**

**ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବର୍ତ୍ତମାନର ସରକାର ଆସିବା ପରଠାରୁ କେତେଲୋକଙ୍କୁ ମଧୁବାବୁ ପେନସନ ଯୋଜନା (MBPY) ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ (BBSA), ବାଣୀଶ୍ରୀବୃତ୍ତି ପ୍ରଦାନ କରାଯାଇଛି ବିଶେଷ କରି ଭଟଲି ବିଧାନସଭା କ୍ଷେତ୍ରରେ କେତେ ହୋଇଛି ଏବଂ କେତେ କରିବାର ଅଛି ତାର ଏକ ତଥ୍ୟ ପ୍ରଦାନ କରିବେ କି ଏବଂ ଆମ ରାଜ୍ୟରେ କେତେ ଜଣ ଲୋକ E-Rickshaws ପାଇଛନ୍ତି ଏବଂ ଆଉ କେତେଜଣ ପାଇବେ ତାର ଏକ ବିବରଣୀ ପ୍ରଦାନ କରିବା ହେବ ଏବଂ E-Rickshaws କେବେ ଦେବାର ସମୟ ଧାର୍ଯ୍ୟ କରାଯାଇଛି ?

----

## ଖାଲିଥିବା ପଦବୀ ପୂରଣ

***୨୨ ଶ୍ରୀ ବିଭୁତି ଭୁଷଣ ବଳବନ୍ତରାୟ (ଜଟଣୀ):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ଥିବା ସରକାରୀ, ସରକାରୀ ଅନୁଦାନ ପ୍ରାପ୍ତ ଓ ବ୍ଲକ ଗ୍ରାଣ୍ଟ ଅନୁଦାନ ପ୍ରାପ୍ତ ଉଚ୍ଚତର ମାଧ୍ୟମିକ ବିଦ୍ୟାଳୟ, ଉଚ୍ଚ ବିଦ୍ୟାଳୟ, ମାଧ୍ୟମିକ ପ୍ରଶିକ୍ଷଣ ବିଦ୍ୟାଳୟ ମାନଙ୍କରେ ମଞ୍ଜୁରୀପ୍ରାପ୍ତ କେଉଁ ବର୍ଗର ଅଧ୍ୟାପକ, ପ୍ରଧାନ ଶିକ୍ଷକ, ଶିକ୍ଷକ ଓ କର୍ମଚାରୀ ପଦବୀରୁ କେତେ ପଦବୀ ଖାଲି ଅଛି ଓ ତାହା ପୂରଣ ପାଇଁ କି ପଦକ୍ଷେପ ଗ୍ରହଣ କରୁଛନ୍ତି ?

----

## ଭିତ୍ତିଭୂମି ବିକାଶ

***100 ଶ୍ରୀ ପବିତ୍ର ସାଉଁନ୍ତା (ଲକ୍ଷ୍ମୀପୁର):**

**ଉଚ୍ଚ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ଲକ୍ଷ୍ମୀପୁର ଡିଗ୍ରୀ କଲେଜ, ଲକ୍ଷ୍ମୀପୁର, ଭିତ୍ତିଭୂମି ବିକାଶ ପାଇଁ ସରକାରଙ୍କ ପକ୍ଷରୁ Rs. ୪,୫୫,୬୪,୫୨୨/- ଅର୍ଥ ମଞ୍ଜୁର କରାଯାଇଥିବା ସରକାରଙ୍କ ଦୃଷ୍ଟିଗୋଚରରେ ଅଛି କି, (ଖ) ଯଦି ହଁ, ଉକ୍ତ ଅର୍ଥରେ କେଉଁ କେଉଁ ଭିତ୍ତିଭୂମି କାର୍ଯ୍ୟ କରାଯିବ ଏବଂ ଏହି କାର୍ଯ୍ୟଗୁଡ଼ିକର ବର୍ତ୍ତମାନ ସ୍ଥିତି କ'ଣ, ମଞ୍ଜୁର ହୋଇଥିବା ଉକ୍ତ ଭିତ୍ତିଭୂମି ବିକାଶ କାର୍ଯ୍ୟ କେବେ ଆରମ୍ଭ ହେବ ଏବଂ କେବେ ସୁଦ୍ଧା ସମ୍ପୂର୍ଣ୍ଣ ହେବ ?

----

## ନ୍ୟୁକ୍ଲିୟର ଆଧାର ଶିଳ୍ପ ପ୍ରତିଷ୍ଠା ପାଇଁ ଯୋଜନା

***101 ଶ୍ରୀ ରୋମାଞ୍ଚ ରଞ୍ଜନ ବିଶ୍ୱାଳ (ଦେବଗଡ଼):**

**ଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଦେବଗଡ଼ ଜିଲ୍ଲାରେ ସରକାରଙ୍କ ତରଫରୁ NTPC ଜରିଆରେ ଏକ ନ୍ୟୁକ୍ଲିୟର ଆଧାର ଶିଳ୍ପ ପ୍ରତିଷ୍ଠା ହେବା ପାଇଁ ଯୋଜନା ଅଛି କି, ଯଦି ହଁ ତେବେ କେଉଁ ବ୍ଲକର କେଉଁ ପଞ୍ଚାୟତରେ ତାହା ପ୍ରତିଷ୍ଠା ହେବ ତାର ତଥ୍ୟ ରଖିବେ କି ?

----

## SSD Girls Hostel ରେ ପିଇବା ପାଣି ବ୍ୟବସ୍ଥା

***102 ଶ୍ରୀ ଜଲେନ ନାଏକ (ରାଇରଙ୍ଗପୁର):**

**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- Jamada Block ର SSD Girls Hostel and School ପିଇବା ପାଣି ସମସ୍ୟାର ସୁବ୍ୟବସ୍ଥା କରିବେ କି ?

----

## କପ୍ତିପଦା ବ୍ଲକରେ ଆଧୁନିକ ଷ୍ଟାଡିୟମ ନିର୍ମାଣ

***103 ଶ୍ରୀ ଭାସ୍କର ମଢେଇ (ଉଦଳା):**

**କ୍ରୀଡ଼ା ଓ ଯୁବକଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ମୟୁରଭଞ୍ଜ ଜିଲ୍ଲା କପ୍ତିପଦା ବ୍ଲକ ମଧ୍ୟରେ ଏକ ଆଧୁନିକ ଷ୍ଟାଡିୟମ ନିର୍ମାଣ କରିବାପାଇଁ ପଦକ୍ଷେପ ନେବେ କି?

----

## ରାଜ୍ୟ ଦକ୍ଷତା ଚାହିଦା ଯୋଗାଣ ମ୍ୟାପିଂ ବ୍ୟବସ୍ଥା

***104 ଶ୍ରୀମତୀ ସୁବାସିନୀ ଜେନା (ବସ୍ତା):**

**ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ରାଜ୍ୟର ବିଭିନ୍ନ ଶିକ୍ଷାନୁଷ୍ଠାନରୁ ପ୍ରତିବର୍ଷ ଉତ୍ତୀର୍ଣ୍ଣ ହେଉଥିବା ସ୍ନାତକ, ଡିପ୍ଲୋମା, ଆଇଟିଆଇ ତଥା ବୈଷୟିକ ଛାତ୍ରଛାତ୍ରୀଙ୍କ ଦକ୍ଷତା ସହିତ ରାଜ୍ୟର ଶିଳ୍ପ, ଏମ୍.ଏସ୍.ଏମ୍.ଇ. ଓ ସେବା କ୍ଷେତ୍ରର ପ୍ରକୃତ ମାନବସମ୍ବଳ ଚାହିଦାକୁ ଯୋଡ଼ିବା ପାଇଁ ସରକାରଙ୍କ ପକ୍ଷରୁ କୌଣସି ରିଅଲ୍-ଟାଇମ୍ 'ରାଜ୍ୟ ଦକ୍ଷତା ଚାହିଦା-ଯୋଗାଣ ମ୍ୟାପିଂ' (State Skill Demand-Supply Mapping) ବ୍ୟବସ୍ଥା ଗ୍ରହଣ କରାଯାଇଛି କି, ଯଦି ଉତ୍ତର ଟି ହଁ ଅଟେ, ତେବେ ବିଗତ ୩ ବର୍ଷରେ ଜିଲ୍ଲାୱାରୀ କେଉଁ କ୍ଷେତ୍ରରେ କେତେ କୁଶଳୀ ମାନବସମ୍ବଳର ଆବଶ୍ୟକତା ରହିଥିଲା ଏବଂ ସେହି ଅନୁପାତରେ କେତେଜଣ ଯୁବକଯୁବତୀଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଇଛି, ତାହାର ଏକ ସମ୍ପୂର୍ଣ୍ଣ ବିବରଣୀ ପ୍ରଦାନ କରିବେ କି, (ଖ) କୁଶଳୀ ମାନବସମ୍ବଳ ବନାମ ଉପଲବ୍ଧ ପ୍ରଶିକ୍ଷିତ ମାନବସମ୍ବଳ ମଧ୍ୟରେ ଥିବା ବ୍ୟବଧାନ (Skill Gap) ଆକଳନ କରାଯାଇଛି କି, ଏଥିସହିତ ଏହି ବ୍ୟବଧାନ ଦୂର କରିବା ପାଇଁ ସ୍ଥାନୀୟ ଆଇ.ଟି.ଆଇ, ପଲିଟେକ୍ନିକ୍ ଓ ମହାବିଦ୍ୟାଳୟଗୁଡ଼ିକର ପାଠ୍ୟକ୍ରମକୁ ଶିଳ୍ପର ବାସ୍ତବ ଚାହିଦା ସହ ସମନ୍ୱିତ କରିବା, ଶିକ୍ଷାନବିଶ୍ (Apprenticeship) ଓ ଦେୟଯୁକ୍ତ ଇଣ୍ଟର୍ଣ୍ଣସିପ୍ ବୃଦ୍ଧି କରିବା ଏବଂ ବାଲେଶ୍ୱର ସମେତ ସମଗ୍ର ରାଜ୍ୟରେ ଏକ 'ଜିଲ୍ଲା ଦକ୍ଷତା ଓ ନିଯୋଜନ ଯୋଜନା' (District Skill-Employment Plan) ପ୍ରଣୟନ ସମ୍ବନ୍ଧରେ ପଦକ୍ଷେପ ବାବଦରେ ଜଣାଇବେ କି ?

----

## Upgradation of Kala Bikash Kendra

*105 **ଶ୍ରୀମତୀ ସୋଫିଆ ଫିରଦୋସ୍ (ବାରବାଟୀ-କଟକ):**

**ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (a) with reference to the reply to UDAQ No. 372 dated 18.11.2024, the specific reasons for which the ₹8,52,99,326 estimate for repair and upgradation of Kala Bikash Kendra, Cuttack has remained pending without final approval; (b) the present status of administrative approval and financial sanction for the proposed works; and the specific steps taken by the Department for early approval and commencement of the repair and upgradation work, along with the timeline fixed for completion?

----

## ୬୦ ବର୍ଷ ଏବଂ ୫୦ ବର୍ଷରୁ ଉର୍ଦ୍ଧ ବ୍ୟକ୍ତିଙ୍କୁ ବୟସ ପ୍ରମାଣ ପତ୍ର

*106 **ଶ୍ରୀ ଅମରେନ୍ଦ୍ର ଦାସ (ଜଗତସିଂହପୁର):**

**ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ୬୦ ବର୍ଷରୁ ଉର୍ଦ୍ଧ କିମ୍ବା ୫୦ ବର୍ଷରୁ ଉର୍ଦ୍ଧ ବ୍ୟକ୍ତିମାନଙ୍କ ପାଇଁ ବୟସ ପ୍ରମାଣପତ୍ର କେଉଁ ଦସ୍ତାବିଜ ନିର୍ଦ୍ଧାରୀତ କରିଛନ୍ତି ତାହା ଜଣେଇବେ କି, କେବଳ Birth Certificate, Voter I Card, କିମ୍ବା School Certificate ଗ୍ରହଣ କରିବା ପାଇଁ ବିଭାଗ ତରଫରୁ କିଛି ନିର୍ଦ୍ଦେଶ ଅଛି କି ?

----

## ଆଦର୍ଶ ବିଦ୍ୟାଳୟରେ ଖାଲିଥିବା ଶିକ୍ଷକ ଓ କର୍ମଚାରୀ ପଦବୀ ପୂରଣ

*107 **କୁମାରୀ ସଞ୍ଜଳି ମୁର୍ମୁ (ବାଙ୍ଗିରିପୋଷି):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବାଙ୍ଗରିପୋଷୀ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅଧୀନରେ କେତୋଟି ଆଦର୍ଶ ବିଦ୍ୟାଳୟ ରହିଛି ଏବଂ ଉକ୍ତ ପ୍ରତ୍ୟେକ ବିଦ୍ୟାଳୟରେ ବିଷୟୱାରୀ ମଞ୍ଜୁରୀପ୍ରାପ୍ତ ଶିକ୍ଷକ ପଦବୀ, କାର୍ଯ୍ୟରତ ଶିକ୍ଷକ ଓ ଖାଲି ପଦବୀ ସଂଖ୍ୟା କେତେ, ଅଣ- ଶିକ୍ଷକ ପଦବୀର ସ୍ଥିତି କ'ଣ, ହଷ୍ଟେଲ ରହିଛି କି ନାହିଁ, ଥିଲେ ତାହା କାର୍ଯ୍ୟକ୍ଷମ କି ନାହିଁ ଏବଂ ହଷ୍ଟେଲରେ କେତେ ଜଣ ଛାତ୍ରଛାତ୍ରୀ ରହୁଛନ୍ତି; ଏହାସହ ପ୍ରତ୍ୟେକ ବିଦ୍ୟାଳୟରେ ଶ୍ରେଣୀଗୃହ, ପରୀକ୍ଷାଗାର, କମ୍ପ୍ୟୁଟର ଲାବ୍, ପୁସ୍ତକାଳୟ, ଶୌଚାଳୟ ଓ ପାନୀୟ ଜଳ ଭଳି ଭିତ୍ତିଭୂମିର ସ୍ଥିତି କ'ଣ ରହିଛି, ତାହାର ବିଦ୍ୟାଳୟୱାରୀ ସମ୍ପୂର୍ଣ୍ଣ ତଥ୍ୟ ପ୍ରଦାନ କରିବେ କି; ଏବଂ ଖାଲି ଥିବା ଶିକ୍ଷକ/ଅଣ-ଶିକ୍ଷକ ପଦବୀ ଓ ଭିତ୍ତିଭୂମିର ଅଭାବ କେବେ ସୁଦ୍ଧା ପୂରଣ କରାଯିବ ?

----

## ଖାଲିଥିବା Teaching / Non- Teaching ପଦବୀ ପୂରଣ

*108 **ଶ୍ରୀ ମନୋରଞ୍ଜନ ଦ୍ୟାନ ସାମନ୍ତରା (ଚିକିଟି):**

**ଉଚ୍ଚ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଚିକିଟି ନିର୍ବାଚନ ମଣ୍ଡଳୀର ପାତ୍ରପୁର ବ୍ଲକର ସାମନ୍ତିଆପଲ୍ଲୀଠାରେ ଥିବା 'ଭରତପତି ' ମହାବିଦ୍ୟାଳୟ, ଚିକିଟି ବ୍ଲକର ଚିକିଟିଠାରେ ଥିବା ଚିକିଟି ମହାବିଦ୍ୟାଳୟ ଓ ନୂଆପଡ଼ା ସ୍ଥିତ ଶ୍ରୀ ବାଲାଜୀ ମହାବିଦ୍ୟାଳୟରେ ଆବଶ୍ୟକୀୟ ସଂଖ୍ୟକ TEACHING & NON TEACHING STAFF ପଦବୀ ଖାଲି ପଡ଼ିଅଛି ଯାହା ଫଳରେ ଶିକ୍ଷାଦାନ ଓ ଅଫିସ କାର୍ଯ୍ୟରେ ବ୍ୟାଘାତ ସୃଷ୍ଟି ହେଉଛି, ସେସବୁକୁ ଦୃଷ୍ଟିରେ ରଖି ଆବଶ୍ୟକୀୟ ବ୍ୟବସ୍ଥା କରିବେ କି?

----

## ଲ୍ୟାଣ୍ଡ ବ୍ୟାଙ୍କ ଜରିଆରେ ଜମି ଅଧିଗ୍ରହଣ

*109 **ଶ୍ରୀ ସୁଧିର ରଂଜନ ପଟ୍ଟଯୋଷୀ (ଧର୍ମଗଡ଼):**

**ଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ଶିଳ୍ପାୟନର ବିକାଶ ପାଇଁ ଗତ ଦୁଇ ବର୍ଷ ମଧ୍ୟରେ ସରକାର କଳାହାଣ୍ଡି ଜିଲ୍ଲାରେ ଲ୍ୟାଣ୍ଡ ବ୍ୟାଙ୍କ ଜରିଆରେ କେତେ ଜମି ଅଧିଗ୍ରହଣ କରିଛନ୍ତି, ଏହାର ବ୍ଲକ ୱାରୀ ତଥ୍ୟ ପ୍ରଦାନ କରିବେ କି, ବିଶେଷ କରି ଧର୍ମଗଡ଼, କୋକସରା ବ୍ଲକ ରେ ଏହି ପରିମାଣ କେତେ, ଗତ ଦୁଇ ବର୍ଷ ମଧ୍ୟରେ କେଉଁ କେଉଁ ଶିଳ୍ପ ସଂସ୍ଥା କଳାହାଣ୍ଡି ଜିଲ୍ଲା ର କେଉଁ କେଉଁ ସ୍ଥାନରେ କି ଶିଳ୍ପ ପ୍ରତିଷ୍ଠା ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି ଓ ଏହାର ବର୍ତମାନ ସ୍ଥିତି କଣ ?

----

## ଜୁଆଙ୍ଗ ସଂଖ୍ୟା

*110 **ଶ୍ରୀ ଅଖିଳ ଚନ୍ଦ୍ର ନାଏକ (ପାଟଣା):**

**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ରାଜ୍ୟରେ ଜୁଆଙ୍ଗଙ୍କ ସଂଖ୍ୟା କେତେ, ସେମାନଙ୍କ ସାମଗ୍ରିକ ବିକାଶ ନିମନ୍ତେ ବିଭାଗ ପକ୍ଷରୁ କି କି ଯୋଜନା ଗ୍ରହଣ କରାଯାଇଛି ଜଣାଇବେ କି, ୨୦୧୫ ମସିହାରୁ ଏଯାବତ ବିଭାଗ ପକ୍ଷରୁ କେଉଁ ଜିଲ୍ଲାକୁ କେତେ ଅର୍ଥ, କେବେ ପ୍ରଦାନ କରାଯାଇଛି ଓ କେତେ ଅର୍ଥ କେଉଁ ବାବଦକୁ ଖର୍ଚ୍ଚ ହୋଇଛି ?

----

## ପ୍ରତ୍ୟେକ ବ୍ଲକରେ ଷ୍ଟାଡିୟମ ନିର୍ମାଣ

*111 **ଶ୍ରୀ ସାରଦା ପ୍ରସନ୍ନ ଜେନା (ବାଲିକୁଦ-ଏରସମା):**

**କ୍ରୀଡା ଓ ଯୁବକଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ରାଜ୍ୟ ସରକାର ପ୍ରତ୍ୟେକ ବ୍ଲକରେ ଷ୍ଟାଡିୟମ ନିର୍ମାଣ କରିବାକୁ ନିଷ୍ପତ୍ତି ନେଇଛନ୍ତି କି, ଯଦି ଉତ୍ତର ହଁ ହୁଏ ତେବେ Balikuda & Erasama Block ରେ କେବେସୁଦ୍ଧା ଷ୍ଟାଡିୟମ ନିର୍ମାଣ ହେବ?

----

## ଦକ୍ଷତା ବିକାଶ ପାଇଁ ଅର୍ଥ ଖର୍ଚ୍ଚ

*112 **ଶ୍ରୀ ସୁଦର୍ଶନ ହରିପାଲ (ରେଙ୍ଗାଲି):**

**ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ସରକାରଙ୍କ 'ଯୁବ ଶକ୍ତି' ଯୋଜନା (୧୦୦ କୋଟି ଟଙ୍କାର ବ୍ୟୟବରାଦ) ଅଧୀନରେ ସମ୍ବଲପୁର ଜିଲ୍ଲାର, ବିଶେଷ କରି ରେଙ୍ଗାଲି ବ୍ଲକର କେତେଜଣ ଯୁବକ/ଯୁବତୀ ଉପକୃତ ହୋଇଛନ୍ତି, ବିଗତ ଦୁଇ ଆର୍ଥିକ ବର୍ଷରେ ପଶ୍ଚିମ ଓଡ଼ିଶାର ଯୁବକମାନଙ୍କ ନେତୃତ୍ୱ ପ୍ରଶିକ୍ଷଣ ଏବଂ ଦକ୍ଷତା ବିକାଶ ପାଇଁ କେତେ ଟଙ୍କା ଖର୍ଚ୍ଚ କରାଯାଇଛି ?

----

## ପ୍ରହ୍ଲାଦ ନାଟକର ସଂରକ୍ଷଣ ଓ ପ୍ରଚାର

*113 **ଶ୍ରୀ ସିଦ୍ଧାନ୍ତ ମହାପାତ୍ର (ଦିଗପହଣ୍ଡି):**

**ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ଓଡିଶାର ପାରମ୍ପରିକ ଲୋକନାଟ୍ୟ ଓ ସାଂସ୍କୃତିକ ଐତିହ୍ୟର ଏକ ଅନନ୍ୟ ପରମ୍ପରା 'ପ୍ରହ୍ଲାଦ ନାଟକ'ର ସଂରକ୍ଷଣ, ପ୍ରଚାର ପ୍ରସାର ଓ ଯୁବପିଢି ମଧ୍ୟରେ ଏହାର ପରମ୍ପରାକୁ ଜୀବନ୍ତ ରଖିବା ପାଇଁ ସରକାରଙ୍କ ପକ୍ଷରୁ କିଛି ପଦକ୍ଷେପ ଗ୍ରହଣ କରାଯାଇଛି କି ଏବଂ UNESCO ମାନ୍ୟତା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଇଛି କି ; ଯଦି ନୁହେଁ, ତେବେ 'ପ୍ରହ୍ଲାଦ ନାଟକ' ର ଐତିହ୍ୟ, ପରମ୍ପରା, ସ୍ଥାନୀୟ କଳାକାର ଓ ପ୍ରଚଳିତ ସାଂସ୍କୃତିକ ପରମ୍ପରାକୁ ଭିତ୍ତି କରି UNESCO ମାନ୍ୟତା ପାଇଁ ସରକାର କିଛି ପଦକ୍ଷେପ ନେବେ କି?

----

## ଭିନ୍ନକ୍ଷମ ଶିକ୍ଷିତ ବେକାରୀ ନିଯୁକ୍ତି ଦେବା

*114 **ଶ୍ରୀ ସି.ଏସ୍.ରାଜେନ୍ ଏକ୍କା (ରାଜଗାଙ୍ଗପୁର):**

**ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ଗତ 10 ବର୍ଷ ମଧ୍ୟରେ ରାଜ୍ୟରେ କେତେ ସଂଖ୍ୟକ ବେକାରି ଭିନ୍ନକ୍ଷମ ଶିକ୍ଷିତ ଯୁବକ ଯୁବତୀ ସରକାରୀ କିମ୍ବା ସରକାରଙ୍କ ଅନ୍ୟ ସ୍ୱୟଂ ଶାସିତ ସଂସ୍ଥାରେ ଚାକିରି ପାଇଁ ନାମ ପଞ୍ଜିକରଣ କରିଛନ୍ତି ଓ ସେଥିମଧ୍ୟରୁ କେତେ ଜଣ ଅଶାୟୀଙ୍କୁ ନିଯୁକ୍ତି ମିଳିଛି, ସୁନ୍ଦରଗଡ ଜିଲ୍ଲାରେ ଏହି ସଂଖ୍ୟା କେତେ, ସରକାରୀ ନିଯୁକ୍ତି ଅପେକ୍ଷାରେ ଥିବା ପ୍ରାର୍ଥୀଙ୍କୁ କେବେସୁଦ୍ଧା ନିଯୁକ୍ତି ପ୍ରଦାନ କରାଯିବ ?

----

## ଉଚ୍ଚ ବିଦ୍ୟାଳୟକୁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ମାନ୍ୟତା

*115 **ଶ୍ରୀ ପ୍ରତାପ ଚନ୍ଦ୍ର ନାୟକ (କବିସୂର୍ଯ୍ୟ ନଗର):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ଅନୁଗୋଳ ବ୍ଲକରେ ଥିବା କୁମୁରିସିଂହ, ଉଚ୍ଚବିଦ୍ୟାଳୟକୁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ପରିଣତ କରାଯାଇ ଏହାଦ୍ୱାରା ଛାତ୍ରଛାତ୍ରି ଉପକୃତ ହେବେ ସରକାର ଏଦିଗରେ କଣ ପଦକ୍ଷେପ ନେବେ ?

----

## ଖାଲିଥିବା ଅଧ୍ୟାପକ ପଦବୀ ପୂରଣ

*116 **ଶ୍ରୀ ନିରଞ୍ଜନ ପୂଜାରୀ (ସୋନପୁର):**

**ଉଚ୍ଚ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ସୋନପୁର କଲେଜ, ଶ୍ରୀରାମ କଲେଜ ରାମପୁର ଏବଂ ଡୁଙ୍ଗୁରିପାଲି କଲେଜ ତଥା AES College, Tarva ରେ ବିଭିନ୍ନ ବିଷୟରେ କେତେ କେତେ ଅଧ୍ୟାପକ ପଦବୀ ଖାଲି ଅଛି ଏବଂ ଉକ୍ତ ପଦବୀ ପୂରଣ ନିମନ୍ତେ ସରକାର ପଦକ୍ଷେପ ନେବେ କି ?

----

## ବନ୍ଦ ହୋଇଥିବା ସ୍ପଞ୍ଜ ଆଇରନ କାରଖାନା ପୁନଃ ପ୍ରଚଳନ

*117 **ଶ୍ରୀ ସୌଭିକ୍ ବିଶ୍ୱାଳ (ଚୌଦ୍ୱାର-କଟକ):**

**ଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ରାଜ୍ୟରେ କେତେଗୋଟି ସ୍ପଞ୍ଜ ଆଇରନ କାରଖାନା ଚାଲୁଥିବାବେଳେ କେତୋଟି ବନ୍ଦ ଅଛି ଓ ଏହି ବନ୍ଦ କାରଖାନା ଗୁଡ଼ିକୁ ପୁନଃ କାର୍ଯ୍ୟକ୍ଷମ ପାଇଁ କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯାଉଛି ?

----

## ITDA ଅଧିନରେ ଥିବା ଛାତ୍ରାବାସ ଓ ବିଦ୍ୟାଳୟ ମରାମତି

*118 **ଶ୍ରୀ କାଡ୍ରାକା ଆପାଲାସ୍ୱାମି (ରାୟଗଡା):**

**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ରାୟଗଡ଼ା ଜିଲ୍ଲାରେ ITDA ଅଧୀନରେ ଭିତ୍ତିଭୂମି ପରିଚାଳିତ ଆଦିବାସୀ ବିଦ୍ୟାଳୟ ଓ ଛାତ୍ରାବାସର ମୋଟ ସଂଖ୍ୟା, ନିର୍ମାଣ ବର୍ଷ ଓ ପ୍ରତିଷ୍ଠାନୱାରୀ ତଥ୍ୟ ଦେବେ କି, (ଖ) ଉକ୍ତ ପ୍ରତିଷ୍ଠାନଗୁଡ଼ିକ ମଧ୍ୟରୁ ଅସୁରକ୍ଷିତ, ଜରାଜୀର୍ଣ୍ଣ କିମ୍ବା ବିପଦସଙ୍କୁଳ କୋଠା, ପାଚେରୀ,ଶୌଚାଳୟ, ପାହାଚ ଓ ରୋଷେଇଘର କେତୋଟି ଏବଂ ପାନୀୟଜଳ ସୁବିଧା ଅଭାବ ଥିବା ପ୍ରତିଷ୍ଠାନ କେତୋଟି; ଗତ ୨ବର୍ଷ ମଧ୍ୟରେ ମରାମତି, ପୁନଃନିର୍ମାଣ କିମ୍ବା ନୂତନ ନିର୍ମାଣ ଆବଶ୍ୟକତା ସମ୍ପର୍କରେ କେବେ ସରକାରଙ୍କୁ ଅବଗତ କରାଯାଇଛି ଏବଂ ଏଥିପାଇଁ କି ପଦକ୍ଷେପ ନିଆଯାଇଛି; ଗତ ୩ ବର୍ଷରେ ନିର୍ମାଣ ସମାପ୍ତ ସତ୍ତ୍ୱେ ହସ୍ତାନ୍ତର ହୋଇନଥିବା ଓ ଅସମ୍ପୂର୍ଣ୍ଣ ଥିବା କୋଠାଗୁଡ଼ିକର ସଂଖ୍ୟା ସମ୍ବନ୍ଧୀୟ ତଥ୍ୟ ଦେବେ କି ?

----

## ଷ୍ଟାଡିୟମର ଉନ୍ନତିକରଣ

*119 **ଶ୍ରୀ ପ୍ରଦ୍ୟୁମ୍ନ କୁମାର ନାୟକ (ଭଞ୍ଜନଗର):**

**କ୍ରୀଡା ଓ ଯୁବକଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଭଞ୍ଜନଗର ପୌରପାଳିକା ତଥା ଆଖପାଖ ଅଞ୍ଚଳର କ୍ରୀଡାପ୍ରେମୀଙ୍କ ଦୀର୍ଘଦିନର ଦାବି ତଥା ସେମାନଙ୍କୁ ଅଧିକ ପ୍ରୋତ୍ସାହିତ କରିବା ଲାଗି ଏହି ପୌରପାଳିକା ଅଧିନରେ ଥିବା ଷ୍ଟାଡିୟମର ଉନ୍ନତିକରଣ ଏବଂ ଆକାର ବୃଦ୍ଧି କରିବା ଲାଗି ବିଗତ ଦିନରେ ଦିଆଯାଇଥିବା ପ୍ରସ୍ତାବ ଉପରେ ବିଭାଗ/ସରକାର କି ପଦକ୍ଷେପ ନେବାକୁ ଯାଉଛନ୍ତି ?

----

## ପ୍ଲେସମେଣ୍ଟ ଏବଂ ରୋଜଗାର ସ୍ଥିରତା ସମ୍ପର୍କରେ

*120 **ଶ୍ରୀ ନୀଳମାଧବ ହିକକା (ବିଷମ -କଟକ):**

**ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଗତ ୩ ବର୍ଷରେ ରାୟଗଡା ଜିଲ୍ଲାରେ ଦକ୍ଷତା ବିକାଶ ପାଇଁ କେତେ ସଂସ୍ଥା ନିୟୋଜିତ ହୋଇଛି ପ୍ରତ୍ୟେକ ସଂସ୍ଥା ଦ୍ୱାରା କେତେ ପିଲାମାନଙ୍କୁ ଦକ୍ଷତା ବୃଦ୍ଧି କରାଯାଇଛି ; ସେମାନଙ୍କ ମଧ୍ୟରୁ କେତେ ପ୍ଲେସମେଣ୍ଟ ପାଇଛନ୍ତି, ପ୍ଲେସମେଣ୍ଟ ପାଇଥିବା ଯୁବକ/ଯୁବତୀଙ୍କର କାର୍ଯ୍ୟକ୍ଷେତ୍ର (ସରକାରୀ/ବେସରକାରୀ/ ସ୍ୱୟଂରୋଜଗାର) ସହିତ ବିବରଣୀ ଦିଆଯିବ କି ; ପ୍ରତ୍ୟେକ ସଂସ୍ଥା ପାଇଁ ବିଭାଗୀୟ ବ୍ୟୟ କେତେ ହୋଇଛି, ବର୍ଷୱାରୀ ସବିଶେଷ ତଥ୍ୟ (2023-24, 2024-25, 2025-26) ପ୍ରଦାନ କରିବେ କି ; ପ୍ଲେସମେଣ୍ଟ ପାଇଥିବା ଯୁବକ/ଯୁବତୀଙ୍କର ବ୍ଲକ and trade ଅନୁସାରେ ବିଭାଜନୀୟ ତଥ୍ୟ ଦିଆଯିବ କି, male and female ଙ୍କର ସ୍ୱତନ୍ତ୍ର ତଥ୍ୟ ଦିଆଯିବ କି ; ପ୍ଲେସମେଣ୍ଟ ପରେ ସେମାନଙ୍କର ରୋଜଗାର ସ୍ଥିରତା ଓ ଆୟ ସମ୍ବନ୍ଧୀୟ ତଥ୍ୟ ଦିଆଯିବ କି?

----